## ୭୫ ହଜାର ଟଙ୍କା ଜରିମାନା ଆଦାୟ

ବ୍ରହ୍ମପୁର ଅଫିସ-ବ୍ରହ୍ମପୁର ପୋଲିସ ଜିଲାରେ ବୁଧବାର ସକାଳ ୬ରୁ ଗୁରୁବାର ସକାଳ ୬ଟା ସୁଦ୍ଧା ବିଭିନ୍ନ ଛକରେ ଚେକିଂ କରାଯାଇ ମାସ୍କ ପିନ୍ଧି ନ ଥିବା ୩୭୩ ଜଣଙ୍କଠାରୁ ୭୪,୭୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିବା ୧୨୪ ଗାଡି ଚାଳକଙ୍କୁ ୬୭ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି। ସେହିପରି ନିୟମ ଉଲ୍ଲଂଘନ କରି ମଦ ବିକ୍ରି କରୁଥିବା ବେଳେ ପୋଲିସ ଗୋଟିଏ ଅବକାରୀ ମାମଲାରେ ଜଣଙ୍କୁ ଗିରଫ କରିଛି। ତା'ଙ୍କଠାରୁ ୧୦ ଲିଟର ମଦ ଜବତ କରିଛି। ଏନେଇ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଟୁଇଟ୍ ଜରିଆରେ ଗୁରୁବାର ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଗଜପତି ଜିଲାରୁ ଦିନକରେ ୭୫ ପଜିଟିଭ

ପାରଳାଖେମୁଣ୍ଡି,୨୩।୭(ସ୍ୱ.ପ୍ର.): ଗଜପତି ଜିଲାରେ କରୋନା ପରିସ୍ଥିତି ଜଟିଳ ହେଉଛି। ଗୁରୁବାର ଦିନକରେ ୭୫ ସଂକ୍ରମିତ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଏଥିସହ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୮୧୪ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ସ୍ୱାସ୍ଥ୍ୟ ଟିମ୍‌ର ଯାଞ୍ଚ ସମୟରେ ୪୧ଜଣ ଚିହ୍ନଟ ହୋଇଥିବାବେଳେ କଣ୍ଟେନ୍‌ମେଣ୍ଟ ଜୋନ୍‌ରୁ ୮, ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ୧୦ଜଣ, ଜିଲା ମୁଖ୍ୟ ଚିକିତ୍ସାଳୟରୁ ଜଣେ ଏବଂ ୧୫ କରୋନା ଯୋଦ୍ଧା ଚିହ୍ନଟ ହୋଇଥିବା ଜିଲାପାଳ ଅନୁପମ ଶାହା ସୂଚନା ଦେଇଛନ୍ତି।

### ଗଞ୍ଜାମ ମତ୍ସ୍ୟଜୀବୀ କଂଗ୍ରେସ ସଭାପତିଙ୍କ ବିୟୋଗ

ଖଲ୍ଲିକୋଟ,୨୩।୭(ଡି.ଏନ୍.ଏ.)- ଖଲ୍ଲିକୋଟ ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ତଥା ଜିଲା ମତ୍ସ୍ୟଜୀବୀ କଂଗ୍ରେସ ସଭାପତି, ଡିସିସିର ସମ୍ପାଦକ ପାଣ୍ଡବ ଜାଲି(୭୦)ଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲରେ ମୃତ୍ୟୁ ଘଟିଛି। ତାଙ୍କ ଘର କେଶପୁର ପଞ୍ଚାୟତ ତେନ୍ତୁଳିଆପଡ଼ା ଗ୍ରାମରେ। କେଶପୁର ପଞ୍ଚାୟତରୁ ସେ ୪ଥର ସରପଞ୍ଚ ଏବଂ ଶ୍ରୀକୃଷ୍ଣଶରଣପୁର ପଞ୍ଚାୟତରୁ ଥରେ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୪ରେ ବିଧାନସଭା ନିର୍ବାଚନରେ କଂଗ୍ରେସରୁ ଖଲ୍ଲିକୋଟ ବିଧାନସଭା ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ।

### ଗୁମ୍ମାରେ ଆରମ୍ଭ ହେଲା ରାପିଡ୍ ଟେଷ୍ଟ

ଗୁମ୍ମା,୨୩।୭: ଗଜପତି ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଜିଲାର ଗୁମ୍ମା ବ୍ଲକ୍ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଆରମ୍ଭ ହୋଇଛି ରାପିଡ୍ ଟେଷ୍ଟ। ଏଠାରେ ସକାଳ ୮ଟାରୁ ୯ଟା ପର୍ଯ୍ୟନ୍ତ କରୋନା ପରୀକ୍ଷା କରାଯିବ। ଦୈନିକ ଜ୍ୱର, ଥଣ୍ଡା, କାଶ, ମୁଣ୍ଡବ୍ୟଥା ଆଦି ଲକ୍ଷଣ ରହିଥିବା ୧୦ଜଣଙ୍କ ପରୀକ୍ଷା କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଗୁରୁବାରଠାରୁ ଏହା ଆରମ୍ଭ ହୋଇଥିବା ବିଡିଓ ନଟବର ଗରଡ଼ା ସୂଚନା ଦେଇଛନ୍ତି। ଏ ନେଇ ଗୁମ୍ମା ପଞ୍ଚାୟତ ଏବଂ ଆଖପାଖ ଅଞ୍ଚଳରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଇଛି। ଲକ୍ଷଣ ରହିଥିଲେ ଲୋକେ ଭୟ ନ କରି ଏଠାକୁ ଆସି ପରୀକ୍ଷା କରାନ୍ତୁ। ରିପୋର୍ଟ ୧ଘଣ୍ଟା ମଧ୍ୟରେ ମିଳିବ ବୋଲି ଡା. ରାଜୀବ ଲୋଚନ ବେହେରା କହିଛନ୍ତି। ସେହିପରି ସରକାରଙ୍କ ପକ୍ଷରୁ ଜାରି ସମସ୍ତ ନିୟମ ପାଳନ କରି ପ୍ରଶାସନକୁ ସହଯୋଗ କରିବାକୁ ବିଡିଓ ଅନୁରୋଧ କରିଛନ୍ତି।

### ସାପ କାମୁଡ଼ାରେ ନାବାଳକଙ୍କ ମୃତ୍ୟୁ

ବୁଗୁଡା,୨୩।୭(ଡି.ଏନ.ଏ.)- ବୁଗୁଡା ଥାନା ଶଙ୍କୁରୁ ଗ୍ରାମରେ ଗୁରୁବାର ସାପ କାମୁଡାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହାତୁବନ୍ଧୁ ଡାକୁଆଙ୍କ ପୁଅ ସୁନୀଲ (୭)। ଏନେଇ ବୁଗୁଡା ଥାନାରେ ନଂ.୨୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୁନିଲ ଶୋଇଥିବାବେଳେ ଭୋରରେ ଏକ ସାପ କାମୁଡି ଦେଇଥିଲା। ପରିବାର ଲୋକେ ପ୍ରଥମେ ଜଣେ କବିରାଜ ଓ ପରେ ବୁଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ସୁନୀଲଙ୍କୁ ମୃତ ଘୋଷଣା କରିଥିଲେ।

### ପୂର୍ବତନ ଜିଲା ପରିଷଦ ସଭ୍ୟଙ୍କ ପରଲୋକ
#### ଚିକିତ୍ସା ଅବହେଳା ଅଭିଯୋଗ

ଗଞ୍ଜାମ,୨୩।୭(ଡି.ଏନ.ଏ.)- ଗଞ୍ଜାମ ବ୍ଲକ ହୁମ୍ମା ଅଞ୍ଚଳର ଜଣାଶୁଣା ନେତା ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ଗୌତମ ପଲାଇ (୪୬)ଙ୍କ ଗୁରୁବାର ସକାଳେ ମୃତ୍ୟୁ ଘଟିଛି। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ଗତ ୧୨ ତାରିଖରେ କୋଭିଡ୍ ପରୀକ୍ଷା କରିଥିଲେ ମଧ୍ୟ ରିପୋର୍ଟ ନେଗେଟିଭ ଆସିଥିଲା। ଏହାପରେ ଚିକିତ୍ସା ପାଇଁ ବ୍ରହ୍ମପୁର, ଛତ୍ରପୁର ମେଡିକାଲ ଯାଇଥିଲେ ମଧ୍ୟ ଉପଯୁକ୍ତ ଚିକିତ୍ସା ମିଳି ନ ଥିବା ତାଙ୍କ ପରିବାରବର୍ଗ ଓ ହୁମ୍ମା ସରପଞ୍ଚ ଚନ୍ଦ୍ର ମୋହନ ସାହୁ ଅଭିଯୋଗ କରିଛନ୍ତି। ଗୁରୁବାର ସକାଳେ ଛାତିରେ ଯନ୍ତ୍ରଣା ହେବା ସହ ମୃତ୍ୟୁ ଘଟିଥିଲା। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ନାୟକ, ସରପଞ୍ଚ ଦିଲ୍ଲୀପ କୁମାର ଛୋଟରାୟ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଆର୍. ଭାଗ୍ୟ ରେଡ୍ଡୀ, ସୁଧୀର କୁମାର ପାଢୀ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# କୋଭିଡ୍ କାର୍ଯ୍ୟରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ

ଛତ୍ରପୁର,୨୩।୭(ଡି.ଏନ୍.ଏ.)

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗୁରୁବାର ଭିଡିଓ କନଫରେନ୍ସରେ ଜିଲାର ସମସ୍ତ ଅଧିକାରୀମାନଙ୍କ ସହ କୋଭିଡ୍ ପରିଚାଳନା ସମ୍ପର୍କିତ ବିସ୍ତୃତ ଆଲୋଚନା କରିଥିଲେ। ଜିଲାରେ କରେନା ସଂକ୍ରମିତଙ୍କ ସଂଖ୍ୟା ବଢୁଛି। ଏହାକୁ ରୋକିବା ପ୍ରଶାସନର ମୁଖ୍ୟ ଦାୟିତ୍ୱ। ତେଣୁ ସମସ୍ତେ ଅଧିକ କ୍ରିୟାଶୀଳ ହୋଇ କାର୍ଯ୍ୟ କରିବା ପାଇଁ ଉପସ୍ଥିତ ସମସ୍ତ ଅଧିକାରୀମାନଙ୍କୁ ଜିଲାପାଳ ପ୍ରବର୍ତ୍ତାଇଥିଲେ। ସଂକ୍ରମିତଙ୍କ ସହ ସ୍ୱାସ୍ଥ୍ୟ ଚିକିତ୍ସା ଅଧିକାରୀ ଟେଲିଫୋନ ଯୋଗେ କଥାବାର୍ତ୍ତା କରି ତାଙ୍କର ଲକ୍ଷଣ ସମ୍ପର୍କରେ ତଥ୍ୟ ସଂଗ୍ରହ କରନ୍ତୁ। ସେହି ଅନୁଯାୟୀ ତାଙ୍କର ଚିକିତ୍ସା ପଦ୍ଧତି ସ୍ଥିର କରିବାକୁ କୁହାଯାଇଛି। ପ୍ରତି କୋଭିଡ୍ କେୟାର ସେଣ୍ଟରରେ ୫୦ ପ୍ରତିଶତ ଶଯ୍ୟାରେ ଯେପରି ଅକ୍ସିଜେନ ସିଲିଣ୍ଡର ରହିବ ସେଥିପ୍ରତି ଦୃଷ୍ଟି ଦେବେ। କୋଭିଡ୍ କାର୍ଯ୍ୟରେ କୌଣସି କର୍ମଚାରୀ କିମ୍ବା ଅଧିକାରୀ


ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ଅବହେଳା ପ୍ରଦର୍ଶନ କଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ସତର୍କ କରାଇ ଦିଆଯାଇଥିଲା। ପ୍ରତିଟି ସଂକ୍ରମିତ ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ରଖିବାକୁ ହେବ। ଆବଶ୍ୟକ ସ୍ଥଳେ ସେ ସମ୍ପର୍କରେ ତଦନ୍ତ କରାଯିବ। କୌଣସି ଦୋକାନୀ ସଂକ୍ରମିତ ହୋଇଥିଲେ, ତାଙ୍କ ଚିକିତ୍ସା କରିବା ଏବଂ ଦୋକାନକୁ ୧ ମାସ ବନ୍ଦ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସଂକ୍ରମିତ କୋଭିଡ ଯୋଦ୍ଧାଙ୍କ ଘରକୁ ସଂପୃକ୍ତ ବିଭାଗୀୟ ଅଧିକାରୀ ଯାଇ ତାଙ୍କ ଖବର ବୁଝିବେ। ଏହାଦ୍ୱାରା ସେମାନଙ୍କୁ ପ୍ରୋତ୍ସାହନ ମିଳିପାରିବ।

### ଏମ୍‌କେସିଜି ଶିଶୁ ୱାର୍ଡରେ କୋଭିଡ୍ ହେଲ୍‌ଥ ସେଣ୍ଟର

ଗଞ୍ଜାମ ଜିଲାରେ କରୋନା ପଜିଟିଭ ସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲିଛି। ଏମାନଙ୍କର ଚିକିତ୍ସା ପାଇଁ ଅତିରିକ୍ତ କୋଭିଡ୍ ହସ୍ପିଟାଲ ଓ ସ୍ୱାସ୍ଥ୍ୟ ସେଣ୍ଟର ଆବଶ୍ୟକ ପଡୁଛି। ଏମକେସିଜି ମେଡିକାଲର ଶିଶୁରୋଗ ଚିକିତ୍ସା ୱାର୍ଡରେ ୧୫୦ ବେଡ୍ ବିଶିଷ୍ଟ କୋଭିଡ ହେଲଥ ସେଣ୍ଟର ଖୁବଶୀଘ୍ର କାର୍ଯ୍ୟକ୍ଷମ ହେବ। ଏଥିରେ ୨୦ଟି ଆଇସିୟୁ ସହ ଅକ୍ସିଜେନରହିତ ବେଡ୍ ରହିବ। ଏହି କାର୍ଯ୍ୟ ଜୋରଦାର୍ ଚାଲିଛି। ଗୁରୁବାର ଏହାକୁ ପରିଦର୍ଶନ କରି ଜିଲାପାଳ ଏ ସମ୍ପର୍କରେ ଟୁଇଟ କରି ସୂଚନା ଦେଇଛନ୍ତି।

# ବିଳମ୍ବରେ ଆମ୍ବୁଲାନ୍ସ ଆସିବାରୁ ଯୁବକଙ୍କ ମୃତ୍ୟୁ ଅଭିଯୋଗ

ଭଞ୍ଜନଗର,୨୩।୭(ଡି.ଏନ.ଏ)

ବିଳମ୍ବିତ ରାତିରେ ଦେହ ଖରାପ ହେଲା। ୧୦୮ ଆମ୍ବୁଲାନ୍ସକୁ କଲ୍ କରି ଡାକିଲେ ପରିବାର ଲୋକେ, ଆସିଲା ନାହିଁ। ଗାଁରେ ଥିବା କୌଣସି ଗାଡି ମାଲିକ ମେଡିକାଲ ଯିବାକୁ ମନା କଲେ। ନିରୁପାୟ ହୋଇ ଅପେକ୍ଷା କଲେ ପରିବାର ଲୋକେ। ସକାଳୁ ଆମ୍ବୁଲାନ୍ସ ଆସି ମେଡିକାଲ ନେଲା। ମାତ୍ର ପହଞ୍ଚିବା ଅଧଘଣ୍ଟା ପରେ ରୋଗୀଙ୍କ ମୃତ୍ୟୁ ଘଟିଲା। ଏଭଳି ଘଟଣା ଘଟିଛି କରୋନା ହଟ୍‌ସ୍ପଟ୍ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ବ୍ଲକରେ। ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ଯୋଗୁ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଜଗନ୍ନାଥପ୍ରସାଦ ବ୍ଲକ ପଥରାପଲ୍ଲୀର ପ୍ରମୋଦ କୁମାର ନାୟକ (୪୪)ଙ୍କୁ ସପ୍ତାହେ ତଳେ ଜ୍ୱର ଓ କାଶ ହେଉଥିଲା। ଭଞ୍ଜନଗର ମେଡିକାଲ ଯାଇ ଔଷଧ ଆଣି ଖାଇବା ପରେ ଭଲ ହୋଇଯାଇଥିଲେ। ମଙ୍ଗଳବାର ପୁଣି କାଶ ହେବାରୁ ବୁଧବାର ସ୍ୱାବ୍ ସଂଗ୍ରହ କେନ୍ଦ୍ରକୁ ଯାଇ ସ୍ୱାବ୍ ଦେଇଥିଲେ। ମାତ୍ର ରାତି ପ୍ରାୟ ଗୋଟାଏରେ ଛାତିରେ ଯନ୍ତ୍ରଣା ହେବା ସହ ବାମ ଗୋଡ ଅଚଳ ହୋଇଯାଇଥିଲା। ପରିବାର ଲୋକେ ୧୦୮କୁ ଫୋନ୍ କରିଥିଲେ। ସ୍ୱାବ୍ ପରୀକ୍ଷା ପାଇଁ ଯାଇଥିବା ଜାଣିବା ପରେ ଆଉ ଆମ୍ବୁଲାନ୍ସ ଆସି ନ ଥିଲା। ଗାଁରେ ଥିବା ଗାଡି ମାଲିକ ମାନେ ମଧ୍ୟ ମେଡିକାଲ ଯିବାକୁ ମନା କରିଥିଲେ। ଗୁରୁବାର ସକାଳେ ଆମ୍ବୁଲାନ୍ସ ଯାଇ ପ୍ରମୋଦଙ୍କୁ ଭଞ୍ଜନଗର ମେଡିକାଲ ଆଣିଥିଲା। ପ୍ରାୟ ଅଧଘଣ୍ଟା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ତାଙ୍କ କୋଭିଡ୍ ରିପୋର୍ଟ ନେଗେଟିଭ ଥିବା ଜଣାପଡିଥିଲା। ରାତିରେ ଆମ୍ବୁଲାନ୍ସ ଗଲାନି, ୬ ଘଣ୍ଟା ପରେ ଯାଇ ମେଡିକାଲକୁ ଆଣିଲା। ଚିକିତ୍ସା ସୁବିଧା ନ ପାଇ ପ୍ରମୋଦଙ୍କ ମୃତ୍ୟୁ ଘଟିଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି।

# ଆଇଟିଆଇ ଡିଜିଟାଲ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ

ବ୍ରହ୍ମପୁର ଅଫିସ, ୨୩।୭

କରୋନା ଭଳି ସଙ୍ଗିନ ସ୍ଥିତିରେ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ପ୍ରଦାନ ନେଇ ବ୍ରହ୍ମପୁର ସରକାରୀ ଆଇଟିଆଇ ପକ୍ଷରୁ ଆରମ୍ଭ ହୋଇଛି ଡିଜିଟାଲ କ୍ୟାମ୍ପସ ପ୍ଲେସ୍‌ମେଣ୍ଟ। କରୋନା ଯୋଗୁ ଦେଶର ଯୁବତୀ ଯୁବକ ନିଯୁକ୍ତି ହରାଇ ଘର ବାହୁଡା ହେଉଥିବା ବେଳେ ବ୍ରହ୍ମପୁର ଆଇଟିଆଇର ବିଭିନ୍ନ ଟ୍ରେଡ୍‌ରେ ଅଧ୍ୟୟନ ଶେଷ କରିଥିବା ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ପ୍ରଦାନ ନେଇ ଡିଜିଟାଲ ପ୍ଲେସ୍‌ମେଣ୍ଟ ବ୍ୟବସ୍ଥା ଆରମ୍ଭ ହୋଇଥିବା ଅନୁଷ୍ଠାନ ପକ୍ଷରୁ ସୂଚାଯାଇଛି। ଏଥିରେ ଦେଶର ବିଭିନ୍ନ ଘରୋଇ କମ୍ପାନୀ ଭାଗନେଇ ଅନ୍‌ଲାଇନ୍ ଓ ଫୋନ କଲ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା କରିବା ସହ ଚୟନ କରିଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଗତ ଏକ ସପ୍ତାହ ଧରି ଆଇଟିଆଇ ପକ୍ଷରୁ ଡିଜିଟାଲ ଜରିଆରେ ପ୍ଲେସ୍‌ମେଣ୍ଟ ଚାଲିଥିବା ବେଳେ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଟ୍ରେଡ୍‌ର ୩୭୪ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଛନ୍ତି। ସେଥିମଧ୍ୟରେ ବାଙ୍ଗାଲୋର, ନୂଆଦିଲ୍ଲୀ ଓ ମାଡ୍ରାସର ବିଭିନ୍ନ କମ୍ପାନୀର ୨୯୩ ଛାତ୍ରୀଛାତ୍ରଙ୍କୁ ଚୟନ କରି ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଉକ୍ତ କମ୍ପାନୀ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ସ୍ଥାନକୁ ଯିବା ପାଇଁ ଜିଲା ପ୍ରଶାସନର ଅନୁମତି ନେବା ସହ ସ୍ୱତନ୍ତ୍ର ବସ୍ ବ୍ୟବସ୍ଥା କରିଥିବା ଅନୁଷ୍ଠାନ ଅଧ୍ୟକ୍ଷ ଡ. ରଜତ ପାଣିଗ୍ରାହୀ ସୂଚାଇଛନ୍ତି। ଚୟନ ହୋଇଥିବା ଛାତ୍ରୀଛାତ୍ର ଅଗଷ୍ଟ ପ୍ରଥମ ସପ୍ତାହରେ କାର୍ଯ୍ୟରେ

### ୨୯୩ ଛାତ୍ରୀଛାତ୍ରଙ୍କୁ ଡିଜିଟାଲ ନିଯୁକ୍ତିପତ୍ର



ସ୍କିଲ ଇନ୍ ଓଡ଼ିଶାର ଟୁଇଟ୍।

ଯୋଗଦେବାକୁ ଥିବା ସେ କହିଛନ୍ତି। ଏଥିସହ ରାଜ୍ୟରେ ପ୍ରଥମ ଅନୁଷ୍ଠାନ ଭାବେ ବ୍ରହ୍ମପୁର ଆଇଟିଆଇ ପକ୍ଷରୁ ଛାତ୍ରୀଛାତ୍ରଙ୍କ ନିଯୁକ୍ତି ଏଭଳି ଡିଜିଟାଲ କ୍ୟାମ୍ପସ ବ୍ୟବସ୍ଥା ଆରମ୍ଭ କରାଯାଇଥିବା ସ୍କିଲ ଇନ୍ ଓଡିଶା ପକ୍ଷରୁ ଟୁଇଟ୍ ମଧ୍ୟମରେ ସୂଚାଯାଇଛି।

## ଏନ୍‌ଏସିର ୭ ୱାର୍ଡରେ ୧୪୪ ଧାରା ଜାରି

ପୁରୁଷୋତ୍ତମପୁର, ୨୩।୭ (ଡି.ଏନ.ଏ.)

ପୁରୁଷୋତ୍ତମପୁର ଏନ୍‌ଏସିର ୧ନଂ. ୱାର୍ଡ କନକାସାହିର ବାସିନ୍ଦା ତଥା କନକାସାହି ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଟି. ବିଜୟଲକ୍ଷ୍ମୀଙ୍କ ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ ତାଙ୍କ କରୋନା ରିପୋର୍ଟ ପଜିଟିଭ୍ ଆସିଥିବା ବେଳେ ବିଭିନ୍ନ ୱାର୍ଡରୁ ଏ ପର୍ଯ୍ୟନ୍ତ ୩୫ ସଂକ୍ରମିତ ଚିହ୍ନଟ ହେଲେଣି। ସଂକ୍ରମଣ ରୋକିବାକୁ ଏନ୍‌ଏସି ପ୍ରଶାସନ ପକ୍ଷରୁ ରେଡ୍ ଜୋନ୍ ୭ ୱାର୍ଡରେ ୧୪୪ ଧାରା ଜାରି କରାଯାଇଛି। ଏନ୍‌ଏସି ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର ୨ନଂ. ୱାର୍ଡ, ୩ନଂ. (ନଇତଡ ସାହି), ୫ନଂ. (ଚିଙ୍ଗୁଡିଆପଦର ସାହି), ୭ ନଂ. (ପୁରୁଣା ପୋଷ୍ଟ ଅଫିସସାହି), ୮ ନଂ. (ରାଧାକାନ୍ତ ସାହି), ୯ ନଂ. ୱାର୍ଡ ରଥସାହି ଓ ୧୨ନଂ. ୱାର୍ଡ ରୁକ୍ମିଣୀ ନଗରରେ ୧୪୪ ଧାରା ଜାରି କରିଛନ୍ତି। ସୂଚନା ପ୍ରକାରେ ୱାର୍ଡ ନଂ. ୧ରେ ୪, ୱାର୍ଡ ନଂ. ୨ରେ ୫, ୩ନଂ. ୱାର୍ଡରେ ୨, ୫ନଂ.ରେ ୪, ୬ନଂ.ରେ ଜଣେ, ୭ନଂ.ରେ ୮, ୮ନଂ.ରେ ୫ଜଣ, ୯ ନଂ.ରେ ୨ଜଣ, ୱାର୍ଡ ନଂ.୧୨ରେ ୩ ଜଣ, ୱାର୍ଡ ନଂ. ୧୩ ରେ ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ନିର୍ବାହୀ ଅଧିକାରୀ ମିଶ୍ର ବିଭିନ୍ନ କଟକଣା ଜାରି କରିଛନ୍ତି। ଖିଲାପ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।

## ଗଜପତି ଏଡିଏମ୍‌ଙ୍କୁ ପ୍ରଶାସନର ଶ୍ରଦ୍ଧାଞ୍ଜଳି



ଅଧିକାରୀମାନେ ରାଇକାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

ପାରଳାଖେମୁଣ୍ଡି,୨୩।୭(ସ୍ୱ.ପ୍ର.):

ଗଜପତି ଏଡିଏମ୍ କରୁଣାକର ରାଇକାଙ୍କର ବୁଧବାର ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ବ୍ରହ୍ମପୁରଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଗୁରୁବାର ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପ୍ରଶାସନ ପକ୍ଷରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ଜିଲାପାଳ ଅନୁପମ ଶାହା ରାଇକାଙ୍କ କାର୍ଯ୍ୟଦକ୍ଷତା, ନିଷ୍ଠାପର ସେବା ଏବଂ କରୋନା ଯୋଦ୍ଧାଭାବେ ସମସ୍ତ କାର୍ଯ୍ୟର ସଫଳ ପରିଚାଳନା ବିଷୟରେ ମନେ ପକାଇଥିଲେ। କାର୍ଯ୍ୟକ୍ରମରେ ଡିଆର୍‌ଡିଏ ପିଡି ମହେଶ କୁମାର ଚୌଧୁରୀ, ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ଜିଲା ମଙ୍ଗଳ ଅଧିକାରୀ ସନ୍ତୋଷ କୁମାର ରଥ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ବେହେରା, ସହକାରୀ ଜିଲାପାଳ ଜୁବୁଲି ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଜିଲା କ୍ରୀଡ଼ା ଅଧିକାରୀ ପ୍ରଭାକର ତ୍ରିପାଠୀ ଉପସ୍ଥିତ ରହି ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ସୂଚନାଯୋଗ୍ୟ, ଗଜପତି ଜିଲା ଆର. ଉଦୟଗିରି ବ୍ଲକ୍ ଅତାରସିଂ ଗ୍ରାମରେ ଜନ୍ମଗ୍ରହଣ କରିଥିବା ରାଇକା ୧୯୯୧ରେ ପ୍ରଶାସନିକ ସେବାରେ ଯୋଗଦେଇଥିଲେ। ନିଜ କାର୍ଯ୍ୟକାଳ ସମୟରେ ସେ ଗଜପତି ସମେତ ଅନ୍ୟ ଜିଲାରେ ବିଭିନ୍ନ ପଦବୀରେ ରହି ନିଜ ଦକ୍ଷତା ପ୍ରଦର୍ଶନ କରିଥିଲେ।

# ମା' ବାପାଙ୍କ ବୋଝ ପାଲଟିଛି ପୁଅ

ଶଙ୍କରାଖୋଲ,୨୩।୭(ଡି.ଏନ୍.ଏ.)

ଚକାପାଦ ବ୍ଲକ ଏଲ୍.ବପଲମେଣ୍ଡି ପଞ୍ଚାୟତ ପାନାବାଡି ଗ୍ରାମର ଅନୁସୂଚିତ ଜାତି ଯୁବକ ଆବାସ କୁମାର ନାୟକ (୨୩)। ଦୁର୍ଘଟଣାରେ ଗୋଡ ଭାଙ୍ଗିଯିବାପରେ ୬ବର୍ଷ ହେଲା ଅକର୍ମଣ୍ୟ ହୋଇ ଘରେ ପଡିଛନ୍ତି। ଅର୍ଥ ଅଭାବରୁ ଚିକିତ୍ସା ହୋଇ ପାରୁନାହିଁ। ୨୦୧୪ରେ ଝଡବର୍ଷାବେଳେ କଲେଜରୁ ଫେରୁଥିଲେ ଆବାସ। ଏକ ଗଛ ଡାଳ ପଡି ତାଙ୍କ ଗୋଡ ଭାଙ୍ଗି ଯାଇଥିଲା। ପରିବାର ଲୋକେ ପ୍ରଥମେ ଟିକାବାଲି, ପରେ ଫୁଲବାଣୀ ଓ ବ୍ରହ୍ମପୁର ବଡ ମେଡିକାଲକୁ ନେଇଥିଲେ। ମାତ୍ର ଭଲ ହୋଇ ପାରି ନ ଥିଲା। ପାଠପଢି ଚାକିରି କରି ମା' ବାପାଙ୍କୁ ପୋଷିବାକୁ ସ୍ୱପ୍ନ ଦେଖୁଥିବା ଆବାସ ଏବେ ତାଙ୍କ ବୋଝ ପାଲଟି ଯାଇଛନ୍ତି। ଗତ ୨ବର୍ଷ ହେଲା ବାପା ମଧ୍ୟ ପକ୍ଷାଘାତ ଯୋଗୁ ଚାଲିପାରୁନାହାନ୍ତି। ମା' ମୂଲଲାଗି ବହୁ କଷ୍ଟରେ ପରିବାର ଚଳାଉଛନ୍ତି। ବ୍ରହ୍ମପୁର


ମା' ବାପାଙ୍କ ସହ ଆବାସ।

### ଚିକିତ୍ସାରେ ଅର୍ଥ ବାଧକ

ବଡ ମେଡିକାଲରେ ଡାକ୍ତର କହୁଛନ୍ତି ଅପରେଶନ କରି ଗୋଡ କଟାଯିବ। ମାତ୍ର ଏଥିପାଇଁ ଅର୍ଥ ଯୋଗାଡ କରି ପାରୁନାହାନ୍ତି ମା' ବାପା। ୨୦୧୯ ଡିସେମ୍ବରରେ ଜିଲାପାଳଙ୍କୁ ଭେଟି ସହାୟତା ପାଇଁ ନିବେଦନ କରିବାରୁ ସେ ଆଧାର କାର୍ଡ ଓ ଆକାଉଣ୍ଟ ନମ୍ବର ରଖି ଅର୍ଥ ପଠାଯିବ ବୋଲି କହିଥିଲେ। ୮ମାସ ବିତିଥିଲେ ମଧ୍ୟ ଟଙ୍କା ଆସୁନାହିଁ। ଆବାସଙ୍କୁ କେବଳ ଭିନ୍ନକ୍ଷମ ଭତ୍ତା ମିଳୁଛି। ମା' ବାପାଙ୍କ ଭତ୍ତା ପାଇବା ବୟସ ହୋଇଥିଲେ ମଧ୍ୟ ଭୋଟ ପରିଚୟ ପତ୍ରରେ ତ୍ରୁଟି ଯୋଗୁ ମିଳୁନାହିଁ।

## ଆହତ କୃଷ୍ଣସାର ମୃଗ ଉଦ୍ଧାର

ପାଟପୁର,୨୩।୭

ଗଞ୍ଜାମ ଜିଲା କୁକୁଡାଖଣ୍ଡି ବ୍ଲକ ରୋହିଗାଁ ଗ୍ରାମରୁ ଗୁରୁବାର ପାଟପୁର ବନ ବିଭାଗ ଏକ ଆହତ ମାଈ କୃଷ୍ଣସାର ମୃଗ ଉଦ୍ଧାର କରିଛି। ମୃଗଟିକୁ ଗ୍ରାମବାସୀ ଆହତ ଅବସ୍ଥାରେ ରାସ୍ତା କଡରୁ ଉଦ୍ଧାର କରିଥିଲେ। ଗୋଡ଼ ଭାଙ୍ଗିଯାଇଥିବାରୁ ପଞ୍ଚାୟତ ଘରେ ମୃଗଟିକୁ ରଖି ବନ ବିଭାଗକୁ ଖବର ଦେଇଥିଲେ। ପାଟପୁର ବନବିଭାଗ କର୍ମଚାରୀ ପହଞ୍ଚି ମୃଗଟିକୁ ନେଇ ସାନଖେମୁଣ୍ଡି ପ୍ରାଣୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

## ଆର୍.ଉଦୟଗିରି ଗ୍ରାମ ୨ଦିନ ଶଟ୍‌ଡାଉନ୍

ଆର୍.ଉଦୟଗିରି,୨୩।୭(ଡି.ଏନ.ଏ.)

ଗଜପତି ଜିଲା ଆର୍.ଉଦୟଗିରି ଗ୍ରାମରେ ବୁଧବାର ଆଉ ୫ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଆର୍.ଉଦୟଗିରି ଥାନାର ୩ ପୋଲିସ, ଜଣେ ପିଇଓ ଓ ଜଣେ କଲେଜ କ୍ଲର୍କ ସଂକ୍ରମିତ ଜଣାପଡିବା ପରେ ଅଞ୍ଚଳବାସୀ ଭୟଭୀତ ହୋଇ ପଡିଛନ୍ତି। ସ୍ଥାନୀୟ ପ୍ରଶାସନ ସଂକ୍ରମଣ ରୋକିବାକୁ ଗୁରୁବାର, ଶୁକ୍ରବାର ୨ଦିନ ପାଇଁ ଆର.ଉଦୟଗିରି ଏବଂ ଛେଳିଗଡ଼ ଅଞ୍ଚଳକୁ ଶଟ୍‌ଡାଉନ ଘୋଷଣା କରିଛି। ଛେଳିଗଡରେ ମଧ୍ୟ ସଂକ୍ରମଣ

### ଆର୍.ଉଦୟଗିରି ଥାନା ବନ୍ଦ, ମୋହନା କର୍ମଚାରୀ ଦାୟିତ୍ୱରେ

ବଢୁଛି। ଆର୍.ଉଦୟଗିରି ଥାନାର ବହୁ ପୋଲିସ ପଜିଟିଭ ଚିହ୍ନଟ ପରେ ଥାନା ବନ୍ଦ ହୋଇଯାଇଛି। ମୋହନା ଥାନାର କର୍ମଚାରୀ ଥାନା ବାହାରେ ତମ୍ବୁ କରି ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି। କେତେକ ଅମାନିଆଙ୍କ ଯୋଗୁ ଅଞ୍ଚଳରେ ସଂକ୍ରମିତଙ୍କ ସଂଖ୍ୟା ବଢୁଛି। ଫଳରେ ଆମେ ବାଧହୋଇ ବାରମ୍ବାର ଶଟ୍‌ଡାଉନ କରୁଛୁ ବୋଲି ବିଡିଓ ପ୍ରଦୀପ ନାୟକ କହିଛନ୍ତି।

# ଛତ୍ରପୁର ଜେଲରେ ହେବ କରୋନା ଟେଷ୍ଟ

ଛତ୍ରପୁର,୨୩।୭(ଡି.ଏନ୍.ଏ.)

ଛତ୍ରପୁର ସବଜେଲ୍‌କୁ ଗୁରୁବାର ପ୍ରଶାସନିକ ଓ ସ୍ୱାସ୍ଥ୍ୟ ଅଧିକାରୀ ପରିଦର୍ଶନରେ ଆସି କାହାରି କରୋନା ଲକ୍ଷଣ ଅଛି କି ନାହିଁ ତାହା ଅନୁଧ୍ୟାନ କରିଛନ୍ତି। ସେଠାରେ ଥିବା ୧୩୦ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟବସ୍ଥା ସେମାନେ ପଚାରି ବୁଝିଥିଲେ। କିଛି ଲକ୍ଷଣ ଦେଖାଦେଲେ ପ୍ରଶାସନକୁ ଜଣାଇବାକୁ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଶୁଭସ୍ମିତା ବିଶ୍ୱାଳଙ୍କୁ କୁହାଯାଇଛି। ଜେଲ ଫାର୍ମାସିଷ୍ଟ ପ୍ରତ୍ୟେକ ଦିନ ସମସ୍ତ ଅନ୍ତେବାସୀଙ୍କ ଥର୍ମାଲ ସ୍କ୍ରିନିଂ କରୁଛନ୍ତି। ଜେଲର ସମସ୍ତ କର୍ମଚାରୀ ଓ ଅନ୍ତେବାସୀଙ୍କ କରୋନା ଟେଷ୍ଟ ହେବ ବୋଲି ଜଣାପଡିଛି। ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ତହସିଲଦାର ନୀଳମାଧବ ଭୋଇ ଓ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ କାହ୍ନୁଚରଣ ପାତ୍ର ଜେଲ ପରିଦର୍ଶନରେ ଯାଇଥିଲେ।

# ପୋଲିସକୁ ଆକ୍ରମଣ ଉଦ୍ୟମ: ୪ ଗିରଫ

ହିଞ୍ଜିଳିକାଟୁ/ଶେରଗଡ,୨୩।୭(ଡି.ଏନ୍.ଏ.)

ହିଞ୍ଜିଳି ଥାନା ତଥା ଶେରଗଡ଼ ତହସିଲ ବି.ନୂଆପଲ୍ଲୀରେ ବୁଧବାର କୋଭିଡ୍ କଟକଣା ଉଲ୍ଲଘଂନ କରି ଭୋଜି ଚାଲିଥିଲା। ଶେରଗଡ଼ ତହସିଲଦାର ଡ. ଦୟାସିନ୍ଧୁ ପରିଡା ହିଞ୍ଜିଳି ଥାନା ଅଧିକାରୀ ଅଭିମନ୍ୟୁ ଦାଶଙ୍କ ନେତୃତ୍ୱରେ ଚଢାଉ କରି ଭୋଜି ବନ୍ଦ ପାଇଁ କହିଥିଲେ। କିନ୍ତୁ ଆୟୋଜନକାରୀ ଓ ତାଙ୍କ ସମର୍ଥକ ପୋଲିସ ଉପରକୁ ଆକ୍ରମଣ ଉଦ୍ୟମ କରିଥିଲେ। ଅଧିକ ଫୋର୍ସ ପହଞ୍ଚି ଆୟୋଜକ କାଳୁଚରଣ ବିଷୋୟୀ, ସଞ୍ଜୟ ବିଷୋୟୀ, ଟିମି ବିଶୋୟୀ ଓ ଅଜିତ ବିଶୋୟୀଙ୍କୁ ଗିରଫ କରିଥିଲା। ତହସିଲଦାର ପରିଡାଙ୍କ ଏତଲାକ୍ରମେ ନଂ.୨୫୮/୨୦ରେ ୧୩ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି।

## କନ୍ଧମାଳ: ୨୯ରୁ ୨୫ ସ୍ଥାନୀୟ ସଂକ୍ରମିତ

ଫୁଲବାଣୀ ଅଫିସ, ୨୩।୭

କନ୍ଧମାଳ ଜିଲାରେ ବୁଧବାର ୨୯ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ୨୫ ଜଣ ସ୍ଥାନୀୟ ସଂକ୍ରମିତ। ସେମାନଙ୍କ ମଧ୍ୟରେ ଫୁଲବାଣୀ ପୌରାଞ୍ଚଳ ଓ ବ୍ଲକ ଅଞ୍ଚଳରୁ ୭, ଜି. ଉଦୟଗିରିରୁ ୬, ଟିକାବାଲିରୁ ୩, ଚକାପାଦରୁ ୨, ବାଲିଗୁଡାରୁ ୩, ନୂଆଗାଁରୁ ୫, ତୁମୁଡିବନ୍ଧ, ରାଇକିଆ ଓ କୋଟଗଡ଼ ବ୍ଲକ ଅଞ୍ଚଳରୁ ଜଣେ ଲେଖାଏ ଅଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିହ୍ନଟ ସଂକ୍ରମିତଙ୍କ ସଂସ୍ପର୍ଶରେ କେଉଁମାନେ ଆସିଛନ୍ତି, ସେମାନଙ୍କ ଟ୍ରେସ୍ ଆଉଟ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୯୭ରେ ପହଞ୍ଚିଛି। ନୂତନ ଚିହ୍ନଟଙ୍କ ମଧ୍ୟରେ ପୂର୍ବରୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇସାରିଛି । ବର୍ତ୍ତମାନ ସୁଦ୍ଧା ୧୯୯ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଅନ୍ୟମାନେ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

# ମଦ ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ମହିଳା

ଦାରିଙ୍ଗବାଡି,୨୩।୭(ଡି.ଏନ୍.ଏ.)

ଦାରିଙ୍ଗବାଡି ବ୍ଲକ ସିମନବାଡି ପଞ୍ଚାୟତ ୩ ନଂ. ୱାର୍ଡର ୧୨ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଚୋରାମଦ କାରବାର ବନ୍ଦ ପାଇଁ ଅଭିଯାନ ଆରମ୍ଭ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ମହିଳାମାନେ ଜୁଡାବାଡି ସମେତ ସିମନବାଡି ବଜାରରେ ବୁଲି ଚୋରାମଦ କାରବାର କରୁଥିବା ଲୋକଙ୍କୁ ସଚେତନ କରାଇଥିଲେ। ଏଥିରୁ ନିବୃତ ନ ରହିଲେ ଆନ୍ଦୋଳନ ଚେତାବନୀ ଦେଇଥିଲେ। ଏଥିସହ ଫାଷ୍ଟଫୁଡ୍ ଦୋକାନରେ ମଦୁଆଙ୍କ ଆଡ୍ଡା ଜମୁଥିବାରୁ ଏସବୁ ବନ୍ଦ କରିବାକୁ ମଧ୍ୟ ଦୋକାନ କରିଥିବା ବ୍ୟକ୍ତିଙ୍କ ଘରକୁ ଯାଇ ସଚେତନ କରିଥିଲେ। ଦିନରେ ଭଲିବଲ୍ ଖେଳ ଚାଲିଥିବାରୁ ସେମାନଙ୍କୁ ମଧ୍ୟ ଖେଳ ବନ୍ଦ କରିବାକୁ ଘରକୁ ଯାଇ କହିଥିଲେ। ଏନେଇ ସହଯୋଗ କରିବାକୁ ସେମାନେ ଦାରିଙ୍ଗବାଡି ଆଇଆଇସି


ମହିଳାମାନେ ସନ୍ଧ୍ୟାରେ ବଜାରରେ ବୁଲି ସଚେତନ କରୁଛନ୍ତି।

କୌଶିକ ମାଝିଙ୍କୁ ନିବେଦନ କରିଛନ୍ତି। ପାଟ୍ରୋଲିଂ କଡାକଡି କରାଯିବ ବୋଲି ଆଇଆଇସି କହିଥିଲେ। ମହିଳା ସଂଘର ସଭାନେତ୍ରୀ ମିମିନା ଦିଗାଳ, ଜନମା ଦିଗାଳ, ଶୈଳେନ୍ଦ୍ରୀ ପ୍ରଧାନ, ଇନ୍ଦିରା ଦିଗାଳ ପ୍ରମୁଖ ଏହି ସଚେତନ କରିଥିଲେ।

